ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ
ଭଦ୍ରକ-୭୫୬୧୦୦ ( ଓଡ଼ିଶା )
ଦୂରଭାଷ ନଂ. ୦୬୭୮୪-୨୫୧୫୧୯(କାର୍ଯ୍ୟାଳୟ), E-mail:-bhadrakm.hud@nic.in

ସଂଖ୍ୟା. ୪୧୫୦ ତାରିଖ. ୮|୭|୨୦୨୦

## କରଦାତାଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍‌ଦ୍ୱାରା ଭଦ୍ରକ ପୌରପାଳିକା ଅନ୍ତର୍ଗତ ସମସ୍ତ କରଦାତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ଅପ୍ରେଲ ଓ ମଇ ମାସରେ ଘର ଟିକସ ପୈଠ କରୁଥିଲେ ଶତକଡ଼ା ୧୦% ଓ ୫% ହାରରେ ରିହାତି ମିଳୁଥିଲା । ଉକ୍ତ ରିହାତିର ସୁଯୋଗ ସମସ୍ତ କରଦାତାମାନେ ମହାମାରୀ କରୋନା ଭୂତାଣୁ କୋଭିଡ-୧୯ ଯୋଗୁ ବଞ୍ଚିତ ହୋଇଥିବାରୁ ରାଜ୍ୟ ସରକାର ଏହି ରିହାତିର ସମୟ ଅବଧିକୁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି, ଜୁଲାଇ ମାସର ଶତକଡ଼ା ୧୦% ଓ ଅଗଷ୍ଟ ମାସର ଶତକଡ଼ା ୫% ହାରରେ ରିହାତି ଦେବାର ବ୍ୟବସ୍ଥା କରାଯାଇଅଛି । ଜୁଲାଇ ଓ ଅଗଷ୍ଟ ୨୦୨୦ ସମୟ ଅବଧି ପରେ କୌଣସି ରିହାତିର ସୁଯୋଗ ପାଇ ପାରିବେ ନାହିଁ । ପୌରାଞ୍ଚଳର ଅଧିବାସୀମାନେ ଏହି ସୁଯୋଗର ଉପଯୋଗ କରିବାକୁ ଅନୁରୋଧ କରାଯାଉଛି ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା

ପରିପତ୍ର ନଂ. ୪୧୫୧ ତା. ୮|୭|୨୦୨୦

ଏହାର ଏକକିତା ନକଲ ଉକ୍ତ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ସମସ୍ତ କରଦାତାଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା

Scanned with CamScanner